# ଉଷୁମ ବାୟୁ ଦ୍ୱାରା ଶୁଖାଇବା ଓ କମ୍ ତାପମାତ୍ରାରେ ଶୁଖାଇବା

www.rkbodisha.in

ଉଷୁମ ବାୟୁ ଦ୍ୱାରା ଶୁଖାଇବା ଓ କମ୍ ତାପମାତ୍ରାରେ ଶୁଖାଇବା (ସାଧାରଣ ବାୟୁ ବା କୋଠରୀ ମଧ୍ୟରେ ଶୁଖାଇବା ପଦ୍ଧତି ମଧ୍ୟ କୁହାଯାଏ) ପଦ୍ଧତିରେ ଦୁଇଟି ଭିନ୍ନ ଧରଣର ନିୟମ କାର୍ଯ୍ୟ କରିଥାଏ । ଉଭୟର ଉପକାରିତା ଓ ଅପକାରିତା ରହିଛି ଏବଂ ବେଳେବେଳେ ମିଳିତ ଭାବେ ଉଭୟ ନିୟମ କାର୍ଯ୍ୟ କରିଥାଏ ଯଥା; ଦ୍ୱିସୋପାନ ଶୁଖାଇବା ପଦ୍ଧତି ।

ଉଷୁମ ବାୟୁ ଦ୍ୱାରା ଶୁଖାଇବା ପଦ୍ଧତିରେ ଉଚ୍ଚ ତାପମାତ୍ରା / ବ୍ୟବହାର କରି ଶୀଘ୍ର ଶୁଖାଯାଏ ଓ ନିର୍ଦ୍ଧାରିତ ଜଳୀୟ ଅଂଶକୁ କମିଗଲେ ଶୁଖାଇବା ବନ୍ଦ କରାଯାଏ । କମ୍ ତାପମାତ୍ରାରେ ଶୁଖାଇବା ପଦ୍ଧତିରେ ଶୁଖାଇବା ପାଇଁ ବାୟୁର ତାପମାତ୍ରା ତୁଳନାରେ ଆପେକ୍ଷିତ ଆର୍ଦ୍ରତାକୁ ନିୟନ୍ତ୍ରଣ କରାଯାଏ । ଫଳରେ ଭିତରେ ରହିଥିବା ଶସ୍ୟର ବିଭିନ୍ନ ସ୍ତରରେ ଜଳୀୟ ଅଂଶର ସନ୍ତୁଳନ ହୋଇଥାଏ ।

ଏହି ସାରଣୀରେ ଶୁଖିବାର ମୁଖ୍ୟ ପ୍ରଭେଦ ଦର୍ଶାଯାଇଛି :

| | Heated Air Drying (Shallow Bed) | Low-temperature Drying (Deep Bed) |
|---|---|---|
| Drying process |  |  |
| MC at different layer depths |  |  |
| Process Parameters | Drying air temperature: 43°C<br>Air velocity: 0.15-0.25 m/s<br>Airflow rate per t grain: >0.7 $m^3$/s<br>Power requirement: 1.5-2.5kW/t grain<br>Layer depth: < 40 cm<br>Drying time: 6-12 h<br>Initial MC: up to 30%+<br><br>Advantages:<br>• Simple management<br>• Fast drying<br>• Affordable<br>• Low level of integration<br><br>Disadvantages:<br>• 3-4% moisture gradient in final product, requires mixing or reduced layer depth<br>• Reduction in milling yield<br>• Danger of killing seeds | Drying air temperature: Δ T = 0-6 °K<br>Air velocity: 0.1 m/s<br>Airflow rate per t grain: >0.05-0.4 $m^3$/s<br>Power requirement: 0.05-0.15 kW/t grain<br>Layer depth: < 2 m<br>Drying time: days to weeks<br>Initial MC: 18% ( 28%)<br><br>Advantages:<br>• Very energy efficient<br>• Bins can be filled at harvest rate<br>• Maintains grain quality optimally<br>• Drying in storage structures<br><br>Disadvantages:<br>• Increased risk with poor power supplies<br>• Requires bulk handling system (high level of integration in postharvest system)<br>• Long drying time |

ଉଷୁମ ବାୟୁ ସ୍ଥିରୀକୃତ ବେଡ୍ ବ୍ୟାଚ୍ ଡ୍ରାୟରରେ ପ୍ରବେଶ ପଥ ଦେଇ ଉଷୁମ ବାୟୁ ଶସ୍ୟ ମଧ୍ୟରେ ପ୍ରବେଶ କରେ, ଭିତରେ ପ୍ରବାହିତ ହେବାବେଳେ ଶସ୍ୟରୁ ଜଳୀୟ ଅଂଶ ସଂଗ୍ରହ କରେ ଏବଂ ପ୍ରସ୍ଥାନ ପଥ ଦେଇ ବାହାରକୁ ଆସିଥାଏ । ପ୍ରବେଶ ସମୟରେ ବାୟୁ ଅଧିକ ଗରମ ଥିବାରୁ ଏହି ସ୍ଥାନରେ ଶସ୍ୟ ଶୀଘ୍ର ଶୁଖିଯାଏ । ଅଳ୍ପ ଉଚ୍ଚତାରେ ଧାନ ରହିବା ଓ ପବନର ଗତି ଅଧିକ ହୋଇଥିବାରୁ ସମସ୍ତ ସ୍ତରରେ ଶସ୍ୟ ଶୁଖିଥାଏ, କିନ୍ତୁ ପ୍ରବେଶ ସ୍ଥାନରେ ଶୀଘ୍ର ଶୁଖିବାବେଳେ ପ୍ରସ୍ଥାନ ସ୍ଥାନ ନିକଟରେ ଧିରେ ଧିରେ ଶୁଖିଯାଏ (ସାରଣୀରେ ଶୁଖିବାର ଧାରା ଦେଖନ୍ତୁ) ।

ଏହା ଫଳରେ ଜଳୀୟ ଅଂଶରେ ପ୍ରଭେଦ ଦେଖାଯାଏ ଯାହାକି ଶୁଖିବା ଶେଷ ହେବା ପର୍ଯ୍ୟନ୍ତ ରହିଥାଏ । ଶସ୍ୟର ଜଳୀୟ ଅଂଶ ପରିମାଣ ଆବଶ୍ୟକୀୟ ସ୍ତରରେ ପହଂଚିବା ପରେ (ବାୟୁର ପ୍ରବେଶ ପଥ ଓ ପ୍ରସ୍ଥାନ ସ୍ଥାନରୁ ନମୁନା ସଂଗ୍ରହ କରାଯାଇ) ଶୁଖାଇବା ପ୍ରକ୍ରିୟା ଶେଷ ହୁଏ । ଶସ୍ୟକୁ ଡ୍ରାୟରରୁ ବାହାର କରି ମୁଣାରେ ଭରିବାବେଳେ ତୁଳନାତ୍ମକ ଭାବେ ଓଦା ଥିବା ଶସ୍ୟରୁ ଜଳୀୟ ଅଂଶ ଶୁଖିଲା ଶସ୍ୟକୁ ଯିବା ଯୋଗୁଁ ଏହାର ସନ୍ତୁଳନ ହୋଇଥାଏ । ଫଳରେ କିଛି ସମୟ ପରେ ସମସ୍ତ ଶସ୍ୟରେ ସମାନ ପରିମାଣର ଜଳୀୟ ଅଂଶ ରହିଥାଏ ।

ଶୁଖିଲା ଶସ୍ୟ ପୁଣି ଥରେ ଓଦା ହେଲେ ଏଥିରେ ଫାଟ ସୃଷ୍ଟି ହୁଏ, ଯାହାଦ୍ୱାରା ପେଷିବାବେଳେ ଶସ୍ୟ ଭାଙ୍ଗିଯାଇଥାଏ । ଏହି କାରଣରୁ ସ୍ଥିରୀକୃତ ବ୍ୟାଚ୍ ଡ୍ରାୟରରେ ଶୁଖାଯାଇଥିବା ଧାନ ପେଷିବାବେଳେ ଏଥିରୁ କମ୍ ପରିମାଣରେ ଚାଉଳ ମିଳିଥାଏ । ଶସ୍ୟରେ ଥିବା ଜଳୀୟ ଅଂଶରେ ପ୍ରଭେଦ ହ୍ରାସ ପାଇଁ ଶୁଖାଇବା ସମୟର ୬୦-୮୦% ଅତିକ୍ରାନ୍ତ ହେଲେ ଶୁଖାଇବା ବିନ୍ ମଧ୍ୟରେ ଶସ୍ୟକୁ ମିଶାଇ ଦେବା ଆବଶ୍ୟକ ।

କମ୍ ତାପମାତ୍ରାରେ ଶୁଖାଇବା ପ୍ରକ୍ରିୟାରେ ଶସ୍ୟର ଆବଶ୍ୟକୀୟ ଜଳୀୟ ଅଂଶ ବା ସନ୍ତୁଳିତ ଜଳୀୟ ଅଂଶ ସହିତ ସନ୍ତୁଳନ ରକ୍ଷା କରି ଶୁଖାଉଥିବା ବାୟୁର ଆପେକ୍ଷିକ ଆର୍ଦ୍ରତାକୁ ସନ୍ତୁଳିତ ଆପେକ୍ଷିକ ଆର୍ଦ୍ରତା ସ୍ତରରେ ରଖିବାକୁ ହେବ । ଏଠାରେ ଆପେକ୍ଷିକ ଆର୍ଦ୍ରତା ତୁଳନାରେ ତାପମାତ୍ରାର ପ୍ରଭାବ କମ୍ ହୋଇଥାଏ । (ସାରଣୀ-୨)

ଉଦାହରଣ ସ୍ୱରୂପ, ୧୪% ଜଳୀୟ ଅଂଶ ରଖିବା ଆବଶ୍ୟକ ଥିଲେ ଶୁଖାଇବା ବାୟୁର ଆପେକ୍ଷିକ ଆର୍ଦ୍ରତା ପ୍ରାୟ ୭୫% ହେବା ଦରକାର । ସାଧାରଣତଃ ଖରାଦିନେ ଦିନବେଳା ବାହାରର ପବନକୁ ବ୍ୟବହାର କରାଯାଇଥାଏ । ରାତିବେଳା ଓ ବର୍ଷା ଋତୁରେ ଏହି ପବନକୁ ପ୍ରବେଶ କରାଇବା ପୂର୍ବରୁ ୨-୩ ଡିଗ୍ରୀ ସେଲ୍‌ସିୟସ୍ ଗରମ କରାଗଲେ ଆପେକ୍ଷିକ ଆର୍ଦ୍ରତା ଉପଯୁକ୍ତ ସ୍ତରକୁ ଆସିଥାଏ ।



ଏଥିରେ ପ୍ରଦାନ କରାଯାଇଥିବା ମତାମତଗୁଡ଼ିକ ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ଏବଂ ଏହାର ସହଯୋଗୀ ସଂଗଠନ ଓଡ଼ିଶାର କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କର ଅଟେ । ପ୍ରସ୍ତୁତି : ନନ୍ କମର୍ସିଆଲ-ସେୟାରଆଲାଇକ୍ ୩.୦ (ଅନ୍‌ପୋର୍ଟେଡ୍)

ଶୁଖାଇବା ପାଇଁ ପ୍ରବେଶ ପଥ ଦେଇ ଶସ୍ୟ ମଧରେ ବାୟୁ ପ୍ରବେଶ କରେ । ଶସ୍ୟ ମଧ ଦେଇ ଯିବାବେଳେ ଏହା ସଂତୃପ୍ତ ସ୍ତରରେ ପହଂଚବା ପର୍ଯ୍ୟନ୍ତ ଜଳୀୟ ଅଂଶ ଗ୍ରହଣ କରିଥାଏ । ଜଳ ଗ୍ରହଣବେଳେ ବାୟୁର ତାପମାତ୍ରା ସାମାନ୍ୟ ହ୍ରାସ ପାଇଥାଏ । ଫଳରେ ଶସ୍ୟ ମଧ ଦେଇ ପ୍ରବାହିତ ହେବାବେଳେ ଏହା ଅଧିକ ଜଳ ଗ୍ରହଣ କରିପାରେ ନାହିଁ । କିନ୍ତୁ ଶ୍ୱାସକ୍ରିୟା ଏବଂ କୀଟ ଓ କବକ ଦ୍ୱାରା ସୃଷ୍ଟି ହେଉଥିବା ତାପକୁ ଗ୍ରହଣ କରିଥାଏ । ଫଳରେ ଓଦା ଶସ୍ୟର ତାପମାତ୍ରା ବୃଦ୍ଧିକୁ ରୋକା ଯାଇପାରେ । କେତେ ସେଂଟିମିଟର ଗଭୀରତା ପର୍ଯ୍ୟନ୍ତ ଶୁଷ୍କ ଅବସ୍ଥା ସୃଷ୍ଟି ହୋଇ ଧିରେ ଧିରେ ପ୍ରସ୍ଥାନ ସ୍ଥାନ ଆଡ଼କୁ ଗତିକରେ । ଏହା ପଛରେ ଶୁଖିଲା ଶସ୍ୟ ରହିଯାଏ । ଶୁଷ୍କ ଅବସ୍ଥା ଶସ୍ୟକୁ ଅତିକ୍ରମ କରିସାରିଲା ପରେ ଶୁଖାଇବା ପ୍ରକ୍ରିୟା ଶେଷ ହୁଏ । ଶସ୍ୟରେ ଥିବା ପ୍ରାଥମିକ ଜଳୀୟ ଅଂଶ ପରିମାଣ, ବାୟୁ ପ୍ରବାହ ବେଗ, ଶସ୍ୟର ଉଚ୍ଚତା ଓ ଶୁଖାଇବା ପବନର ଗୁଣ ଉପରେ ନିର୍ଭର କରି ଏହି ପ୍ରକ୍ରିୟା ଶେଷ ହେବାକୁ ୫ ଦିନରୁ ଆରମ୍ଭ କରି କେତେ ସପ୍ତାହ ପର୍ଯ୍ୟନ୍ତ ଲାଗିଥାଏ ।

କମ୍ ତାପମାତ୍ରା ଶୁଖାଇବା ପ୍ରକ୍ରିୟା ଧିରେ ଧିରେ ହୋଇଥାଏ ଏବଂ ଶସ୍ୟର ମାନ ଉନ୍ନତ ହେବା ସହିତ ଅଧିକ ଅଙ୍କୁରୋଦ୍‌ଗମ ହୋଇଥାଏ । ବାୟୁର ବେଗ କମ୍ (୦.୧ ମିଟର/ସେକେଣ୍ଡ) ହୋଇଥିବାରୁ ଏବଂ ସର୍ବଦା ପବନକୁ ଉଷୁମ କରିବା ଆବଶ୍ୟକ ହେଉ ନଥିବାରୁ ସମଗ୍ର ଶୁଖାଇବା ପ୍ରକ୍ରିୟା ପାଇଁ କମ୍ ଶକ୍ତି ଆବଶ୍ୟକ ହୋଇଥାଏ । ସାଧାରଣତଃ ଧାନରେ ୧୮% ମଧରେ ଜଳୀୟ ଅଂଶ ଥିବାବେଳେ ଦ୍ୱିତୀୟ ସ୍ତର ଶୁଖାଇବା ପାଇଁ କମ୍ ତାପମାତ୍ରା ଶୁଖାଇବା ପଦ୍ଧତି ଅବଲମ୍ବନ କରାଯାଇଥାଏ । ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଏ ଯେ ଯଦି ଧାନ ଜମା ହେବା ଉଚ୍ଚତା ୨ ମିଟର ମଧରେ ଥାଏ ଓ ପବନର ବେଗ ଅତି କମ୍‌ରେ ୦.୧ ମିଟର/ସେକେଣ୍ଡ ହୋଇଥାଏ, ତେବେ ଯତ୍ନ ସହକାରେ ପରିଚାଳନା କରାଗଲେ ୨୮% ଜଳୀୟ ଅଂଶ ଥିଲେ ମଧ ଧାନକୁ ଗୋଟିଏ ଥରରେ କମ୍ ତାପମାତ୍ରା ଶୁଖାଇବା ପଦ୍ଧତିରେ ନିରାପଦରେ ଶୁଖାଯାଇପାରିବ । ତେବେ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ ମିଳୁ ନଥିବା ଅଧିକାଂଶ ବିକାଶଶୀଳ ଦେଶରେ ପଙ୍ଖା ଚଳାଇବା ପାଇଁ ବିଦ୍ୟୁତ୍ ଶକ୍ତିର ବ୍ୟବସ୍ଥା ନ କରି ଅଧିକ ଜଳୀୟ ଅଂଶ ଥିବା ଶସ୍ୟକୁ ଏହି ପଦ୍ଧତିରେ ଶୁଖାଇବା ବିପଜ୍ଜନକ ଅଟେ ।

**ଅଧିକ ଜାଣିବା ପାଇଁ ଦେଖନ୍ତୁ :**

ଧାନ ଫସଲ ପଦ୍ଧତି ଆଧାରିତ ଜ୍ଞାନ ଭଣ୍ଡାର www.rkbodisha.in



ଏଥିରେ ପ୍ରଦାନ କରାଯାଇଥିବା ମତାମତଗୁଡ଼ିକ ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ଏବଂ ଏହାର ସହଯୋଗୀ ସଂଗଠନ ଓଡ଼ିଶାର କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କର ଅଟେ । ପ୍ରସ୍ତୁତି : ନନ୍ କମର୍ସିଆଲ-ସେୟାରଆଲାଇକ୍ ୩.୦ (ଅନ୍‌ପୋର୍ଟେଡ୍)